# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 02.06.2022 ରିଖ

ସମୟ – ଅପରାହ୍ନ ଘ. 4.00 ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ଶ୍ରୀମତୀ ପିଙ୍କି ସ୍ୱାଇଁ,
୪. ଶ୍ରୀ ବିପ୍ଳବ ବେହେରା,
୫. ଶ୍ରୀମତୀ ନମିତା ମହାପାତ୍ର,
୬. ଶ୍ରୀମତୀ ଚାରୁଲତା ସାମନ୍ତରାୟ,
୭. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା 02.06.2022 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜମି ବ୍ୟବସାୟୀମାନେ Layout Plan ଅନୁମୋଦନ ନକରି ପ୍ଲଟିଂ କରି ଜିମି ବିକ୍ରି କରୁଛନ୍ତି । ଏଥିପାଇଁ ଜନସାଧାରଣ ମାନେ ବିଲ୍‌ଡ଼ିଂ ପ୍ଲାନ୍ ମଞ୍ଜୁର କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ପ୍ଲଟିଂ କରି ଜିମି ବିକ୍ରି କରିବା ପୂର୍ବରୁ, Layout Plan ଅନୁମୋଦନ କରିବା ପାଇଁ ସମ୍ପୃକ୍ତ ସଂସ୍ଥାକୁ ତାଗିଦ୍ କରିବା, ଏ ବିଷୟରେ କଲେକ୍ଟର୍ ଏବଂ ସବ୍ ରେଜିଷ୍ଟରଙ୍କୁ ଅବଗତ କରାଇବା ଏବଂ ଯେଉଁମାନେ ଏହାକୁ ଖିଲାପ କରୁଛନ୍ତି ସେମାନଙ୍କ ଠାରୁ Penalty ଆଦାୟ କରିବା, ଏ ସମ୍ପର୍କରେ ଖବରକାଗଜ ମାଧମରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଯେଉଁ ବିଲ୍‌ଡ଼ର୍ ମାନେ ଭୁବନେଶ୍ୱର ମହାନଗର ନିଗମରୁ NOC ନେଇନାହାଁନ୍ତି ସେମାନଙ୍କ ବିରୁଦ୍ଧରେ Certificate Case କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.40 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା 02.06.2022 ରିଖ